# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12 July – 2026

**********************************

## ମୁଖ୍ୟ ସମ୍ବାଦ

- ପୁରୀରେ ଆଉ ତିନି ଦିନ ପରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ରଥଯାତ୍ରା

— ଶ୍ରୀଜୀଉଙ୍କ ସଂପୂର୍ଣ୍ଣ ସୁସ୍ଥତା ନେଇ ଗଜପତିଙ୍କୁ ଅବଗତ କରାଇଲେ ଦଇତାପତି ସେବକ

- ବଲାଙ୍ଗିର ଜିଲ୍ଲା କରକଟିଆଠାରେ ବିଧାୟକବନର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ମାଲକାନଗିରି ଜିଲ୍ଲାରେ ଜଳଭିତ୍ତିକ ସାହସିକ ପର୍ଯ୍ୟଟନର ବିକାଶ ପାଇଁ ବୈଷୟିକ ସର୍ବେକ୍ଷଣ

ଏବଂ

- ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା

# ନବଯୌବନ ଦର୍ଶନ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଆଉ ୩ ଦିନ ପରେ ଅନୁଷ୍ଠିତ ହେବ। ଆଷାଢ଼ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଅଣସର ଘରେ ଆଜି ଠାକୁରଙ୍କ ଦ୍ୱାଦଶୀନୀତି ପାଳନ କରାଯାଉଛି। ଗତକାଲି ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇଛନ୍ତି। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ସକାଳ ଧୂପନୀତି ଶେଷ ହେବା ପରେ ମହାପ୍ରଭୁଙ୍କର ରାଜପ୍ରସାଦ ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗୁପ୍ତ ସେବା ସମୟରେ ଶ୍ରୀଅଙ୍ଗରୁ ବାହାର କରାଯାଇଥିବା ଚନ୍ଦନ, କରାଳ ଓ ପାଟଡୋରକୁ ରୂପା ଥାଳିରେ ପଟୁଆର ସହ ଦଇତାପତି ସେବକ ଶ୍ରୀନଅରକୁ ନେବା ସହ ଗଜପତିଙ୍କୁ ପ୍ରଦାନ କରିଥିଲେ। ରାଜପ୍ରସାଦ ପକ୍ଷରୁ ଗଜପତିଙ୍କ ଦ୍ୱାରା ସ୍ପର୍ଶ ହୋଇଥିବା ଶାଢ଼ୀମାନ ଦଇତାପତି ସେବକମାନଙ୍କୁ ପ୍ରଦାନ କରାଯାଇଥିଲା। ସେଠାରେ ମହାପ୍ରଭୁଙ୍କ ସୁସ୍ଥତା ସମ୍ପର୍କରେ ଗଜପତିଙ୍କୁ ଦଇତାପତି ସେବକମାନେ ଅବଗତ କରାଇବା ସହ ଆଗାମୀ ରଥଯାତ୍ରା ନେଇ ଆଲୋଚନା ହୋଇଛି।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ଆଶୁତୋଷ ପ୍ରସାଦ ମିଶ୍ର କହିଛନ୍ତି.....

**- V/O -**

ଆସନ୍ତାକାଲି ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଘଣାଲାଗି ନୀତି ଅନୁଷ୍ଠିତ ହେବ। ଘଣାଲାଗି ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଖଳିକୁ ଶୁଦ୍ଧ ସୁଆରଙ୍କଘରୁ ଘଣ୍ଟଘଣ୍ଟା ଓ ପଟୁଆରରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ। ପରେ ଖଳି ଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖ ଓଡା ପକାଯିବ।

ଆସନ୍ତା ମଙ୍ଗଳବାର ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ଆସନ୍ତା ବୁଧବାର ଅମାବାସ୍ୟା ଏବଂ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ନୀତିକାନ୍ତିକୁ ଦୃଷ୍ଟିରେ ରଖି ନବଯୌବନ ଦର୍ଶନକୁ ସୀମିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ରଥ ନିର୍ମାଣ

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ନୂତନ ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ରଥ ନିର୍ମାଣ କାର୍ଯ୍ୟ ପାଇଁ ନୂଆ ଶାଳ କାଠର ବ୍ୟବହାର କରାଯାଉଛି। ରାଜ୍ୟର ବିଭିନ୍ନ ବନାଞ୍ଚଳରୁ ସଂଗୃହୀତ ଶାଳକାଠକୁ ଚିରଟ କରାଯାଇ ରଥନିର୍ମାଣ ଚାଲିଛି। ଅନ୍ୟପକ୍ଷରେ ରାଜବୈଦ୍ୟଙ୍କ ଦ୍ୱାରା କରାଯାଉଥିବା ଉପଚାରରେ ଅଣସର ଘରେ ଠାକୁର ସୁସ୍ଥତା ଲାଭ କରୁଥିବା ସୂଚନା ମିଳିଛି। ଶ୍ରୀଜୀଉଙ୍କ ପୂଜାପଣ୍ଡା ସେବାୟତ ନୃସିଂହ ପତ୍ରୀଙ୍କ ସୂଚନା ଅନୁସାରେ ଚଳିତବର୍ଷ ନୂଆ ରଥରେ  ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପୂର୍ବରୁ

ଠାକୁରଙ୍କ ସେବାକାର୍ଯ୍ୟ ଏବଂ ଅନ୍ୟାନ୍ୟ ଦେବନୀତି ଯେପରି ଶୃଙ୍ଖଳିତ ହେବ ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି ।

## ପୁରୀ ସମନ୍ୱୟ ବୈଠକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନା ନେଇ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ୍‌ହଲ୍‌ଠାରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭକ୍ତମାନଙ୍କ ପାଇଁ ସୁରକ୍ଷିତ ଓ ସୁବ୍ୟବସ୍ଥିତ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଜିଲ୍ଲା ପ୍ରଶାସନର ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୁଲିସ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସବ୍‌ଷ୍ଟେସନ ଉଦ୍‌ଘାଟିତ

**ବରଗଡ଼**ଠାରେ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ -ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍‌ର ନୂତନ ୩୩ କେ.ଭି. ପାୱାର ସବ୍‌ଷ୍ଟେସନକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି, ବରଗଡ଼ ଜିଲ୍ଲାର ଘରେ ଘରେ ସ୍ଥାୟୀ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲାଗି ଏହି ସବ୍‌ଷ୍ଟେସନ ସ୍ଥାପନ କରାଯାଇଛି । ଆଗାମୀ ଦିନରେ ଆଉ ଏକ ପାୱାର ସବ୍‌ଷ୍ଟେସନ ସ୍ଥାପନ ହେବ । ଦୁଇଟି ପାୱାର ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ଜିଲ୍ଲାରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ବରଗଡ଼ ସହରର ଗ୍ରାହକଙ୍କ ବର୍ଦ୍ଧିତ ବିଦ୍ୟୁତ୍

ଚାହିଦାକୁ ପୂରଣ କରିବା ସହ ବିଦ୍ୟୁତ୍ ସେବାରେ ସ୍ଥିରତା ଓ ଭୋଲଟେଜ୍ ଗୁଣବତ୍ତାରେ ସୁଧାର ଆଣିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପରେ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ ହୋଇଛି।

## ବନ ମହୋତ୍ସବ

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ କରକଟିଆଠାରେ ୭୭ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବିଧାୟକବନକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଶୁଭାରମ୍ଭ କରିଛନ୍ତି। ମୋଟ୍ ୬ ଦଶମିକ ୪ ହେକ୍ଟର ଜମିରେ ୬ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଏହା ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ରକ୍ଷଣାବେକ୍ଷଣ ଏବଂ ପରିବେଶକୁ ପ୍ଲାଷ୍ଟିକ୍‌ମୁକ୍ତ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଆଗାମୀ ଦିଗରେ ଏହା ପ୍ରକୃତି, ପରିବେଶ ଓ ପର୍ଯ୍ୟଟନର ମୁଖ୍ୟ କେନ୍ଦ୍ର ହେବ। ଅଧିକରୁ ଅଧିକ ଚାରା ରୋପଣ କରି ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**- V/O -**

'ଏକ୍ ପେଡ୍ ମା' କେ ନାମ ଅଭିଯାନରେ ଜିଲ୍ଲା ବନଖଣ୍ଡ ଅଧିକାରୀ, ଶତାଧିକ ଜନସାଧାରଣ ମିଶି ଚାରାରୋପଣ କରିଥିଲେ।

## ନିଶାମୁକ୍ତ ଓଡ଼ିଶା

ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ  ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ଯୋଜନାର ଅନୁମୋଦନ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ-ଏସ୍.ଏସ୍.ଇ.ପି.ଡି ପକ୍ଷରୁ ସରକାରଙ୍କ ନିକଟକୁ ଚିଠି ଲେଖାଯାଇଛି। କାର୍ଯ୍ୟକ୍ରମ ପାଇଁ ମୋଟ୍ ୪ କୋଟି ୬୨ ଲକ୍ଷ ଟଙ୍କାର ଅର୍ଥରାଶି ସ୍ଥିର  କରାଯାଇଛି। ଯୋଜନାରେ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ସଚେତନତା ଅଭିଯାନ କରାଯିବ। ରାଜ୍ୟର ୧୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ନିଶା ବିରୋଧୀ ସଚେତନତା, ଗଣଦୌଡ଼, ପଦଯାତ୍ରା ଓ ସାଇକେଲ ରାଲି ଆୟୋଜନ କରାଯିବ। ପ୍ରତି ବ୍ଲକ୍‌ରେ ନିଶା ବିରୋଧୀ କାର୍ଯ୍ୟକ୍ରମ ଓ ନିଶାଦ୍ରବ୍ୟ ନିରୋଧି କମିଟି ଆୟୋଜନ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତି ଜିଲ୍ଲାରେ ୫୦ ଜଣ ନଶାମୁକ୍ତ ମିତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି।

## ଜଳକ୍ରୀଡା ପର୍ଯ୍ୟଟନ

**ମାଲକାନଗିରି** ଜିଲ୍ଲାରେ ଜଳଭିତ୍ତିକ ସାହସିକ ପର୍ଯ୍ୟଟନର  ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ଏକ ଉଚ୍ଚସ୍ତରୀୟ ବୈଷୟିକ ସର୍ବେକ୍ଷଣ ଶେଷ ହୋଇଛି। ରାଜ୍ୟ  ପର୍ଯ୍ୟଟନ ବିଭାଗ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆସ୍ଥିତ ରାଷ୍ଟ୍ରୀୟ ଜଳକ୍ରୀଡା ସଂସ୍ଥାନର ମିଳିତ ସହଯୋଗରେ ଏହି ସର୍ବେକ୍ଷଣ ହୋଇଥିଲା।  ଏହି ସର୍ବେକ୍ଷଣରେ ଜିଲ୍ଲାର ପ୍ରମୁଖ ଜଳାଶୟଗୁଡ଼ିକର ଭୌଗୋଳିକ ସ୍ଥିତି, ଜଳପ୍ରବାହ ଏବଂ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରାଯାଇଛି। ଜମ୍ମୁର ପ୍ରମୁଖ

ବିଶେଷଜ୍ଞ ସଂଜୟ ସିଂ ସମ୍ୱିଆଲ ଏବଂ ଚେନ୍ନାଇର ବୈଷୟିକ ଅଧିକାରୀ ଜଗଦୀଶ ଭି.ଙ୍କୁ ନେଇ ଗଠିତ ଦୁଇଜଣିଆ ଉଚ୍ଚସ୍ତରୀୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ସ୍ଥଳରେ ହ୍ୱାଇଟ୍ ଓ୍ୱାଟର ରାଫ୍ଟିଂ, କାୟାକିଂ ଏବଂ କାନୋଇଂ ଭଳି ଜଳଭିତ୍ତିକ ସାହସିକ ପର୍ଯ୍ୟଟନ କାର୍ଯ୍ୟକଳାପ ଭିତ୍ତିଭୂମିର ଯାଞ୍ଚ କରିଛନ୍ତି। ସର୍ଭେ ଶେଷ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସମ୍ୱିଆଲ କହିଛନ୍ତି, ମାଲକାନଗିରି ଜିଲ୍ଲାର ଜଳାଶୟଗୁଡ଼ିକ ସାହସିକ ଜଳକ୍ରୀଡା ପାଇଁ ଏକ ପ୍ରାକୃତିକ ଉପହାର। ବିଶେଷକରି ଅପର ସାବେରୀଗଜ୍ ଓ ପୋଟେରୁ ହିଲ୍ ସେକ୍ସନର ଭୌଗୋଳିକ ଗଠନ ହ୍ୱାଇଟ୍ ଓ୍ୱାଟର ରାଫ୍ଟିଂ ପାଇଁ ଅତ୍ୟନ୍ତ ଅନୁକୂଳ। ସାରା ଭାରତରେ ଏଭଳି ପ୍ରାକୃତିକ ଢାଲୁ ଓ ଜଳପ୍ରବାହ ଦେଖିବା ବିରଳ ବୋଲି ଶ୍ରୀ ସମ୍ୱିଆଲ କହିଛନ୍ତି।

## ଛାତ୍ରୀନିବାସ ଉଦ୍‌ଘାଟନ

**ନୂଆପଡା** ଜିଲ୍ଲା ଖଡିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟାବିଶିଷ୍ଟ ଅତ୍ୟାଧୁନିକ ଛାତ୍ରୀନିବାସକୁ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଉଦ୍‌ଘାଟନ କରିଛନ୍ତି।  ସ୍ଥାନୀୟ ଅଂଚଳର ବିକାଶ ସରକାରଙ୍କ ପ୍ରମୁଖ ପ୍ରାଥମିକତା ବୋଲି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାଂସଦ କହିଛନ୍ତି।

## ବିନୋଦନ କେନ୍ଦ୍ର

ଭଦ୍ରକ ପୌରାଞ୍ଚଳର ୮ ନମ୍ବର ଓ୍ୱାର୍ଡ ବାଗୁରାଇ ଡଗମୁଣ୍ଡଠାରେ ଏକ ବରିଷ୍ଠ ନାଗରିକ ବିନୋଦନ କେନ୍ଦ୍ରର ଶିଳାନ୍ୟାନ ହୋଇଯାଇଛି।

କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ, ବିଧାୟକ ଏବଂ ଜିଲ୍ଲାପାଳଙ୍କ ସହ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ, ସାମାଜିକ, ମୌଳିକ ବ୍ୟବସ୍ଥା ଦିଗରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁବିଧା ଉପଲବ୍ଧ କରାଯିବା ସହ ସମାଜରେ ସେମାନଙ୍କ ପ୍ରତି ସମସ୍ତେ ସହଯୋଗର ହାତ ବଢାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷରେ, ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷରେ, ଆଗାମୀ ୨ ଦିନ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ନେଇ ୧୧ଟି ଜିଲ୍ଲାକୁ ସତର୍କ କରାଯାଇଛି । ଚଳିତ ମୌସୁମୀରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୩୪୮ ଦଶମିକ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଯାହା ସ୍ୱାଭାବିକ ବୃଷ୍ଟିପାତଠାରୁ ୮ ପ୍ରତିଶତ ଅଧିକ ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୬୧୧ ଘନଫୁଟ ରହିଛି । ବର୍ତ୍ତମାନ ଜଳଭଣ୍ଡାରର ୨ଟି ଗେଟ୍ ଦେଇ ଜଳ ନିଷ୍କାସିତ

ହେଉଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩୪ ହଜାର ୬୬୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୫୮ ହଜାର ୭୪୦ ଘନଫୁଟ ଜଳ ନିଷ୍କାସିତ ହେଉଛି ।